# ଶ୍ରୀକ୍ଷେତ୍ର ସିଟି

୬/୪/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୪,୩୭,୪୬୪/- ସୁନା:୧୦.୦୦୦ ଗ୍ରାମ୍ ରୁପା: ୩୦.୫୦୦ ଗ୍ରାମ୍





## ମହାପ୍ରଭୁଙ୍କର ହେଲା ପଇତାଲାଗି



ପୁରୀ,୬।୪(ସମିସ): ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କ ପଇତାଲାଗି ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟା ୬ଟା ୧୫ରେ ଦ୍ୱିତୀୟ ଭୋଗମଣ୍ଡପ ପରେ ମଇଲମ ହୋଇଥିଲା। ସନ୍ଧ୍ୟା ୬ଟା ୫୦ରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଏହାପରେ ଦଇତାପତି ସେବକମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ଆରମ୍ଭ ହୋଇଥିଲା ପଇତାଲାଗି ନୀତି। ଦେଉଳକରଣଙ୍କଠାରୁ ବାସୁଙ୍ଗା ପଇତା ନେଇ ଦଇତାପତିମାନେ ପଇତାଲାଗି କରିଥିଲେ। ଏହା ଏକ ଏହି ସମୟରେ ଜୟ ବିଜୟ ଦ୍ୱାର ଫଳରେ ସର୍ବସାଧାରଣ ଦର୍ଶନ ପଇତାଲାଗି ନୀତି ସମ୍ପନ୍ନ ହେବା ପରେ ଠାକୁରଙ୍କ ମହାସ୍ନାନ ପରେ ପୁଣି ଦର୍ଶନ ଆରମ୍ଭ ହୋଇଥିଲା। ସୂଚନାଥାଉ କି, ଠାକୁରଙ୍କ ଶ୍ରୀଅଙ୍ଗର ସୁରକ୍ଷା ଲାଗି ବର୍ଷକୁ ପ୍ରାୟ ଚାରିଥର ପଇତାଲାଗି କରାଯାଏ। ଦୈନନ୍ଦିନ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହେଉଥିବା ଚନ୍ଦନ ଖସି ନ ଯିବା ପାଇଁ ଏହା କରାଯାଇଥାଏ।

### ଆଲୋକମାଳାରେ ଝଲସିବ ଶ୍ରୀମନ୍ଦିର ପରିସର

# ୩ରୁ ୪ ମାସ ମଧ୍ୟରେ କାମ ସାରିବାକୁ ଲକ୍ଷ୍ୟ

ପୁରୀ,୬।୪(ସମିସ): ଆଲୋକମାଳାରେ ଝଲସିବ ଶ୍ରୀମନ୍ଦିର ପରିସର। ଚାରିଦ୍ୱାର ବି ଉଜ୍ଜ୍ୱଳ ଆଲୋକମାଳାରେ ଆକର୍ଷଣୀୟ ଦେଖାଯିବ। ବିଶେଷକରି ଶ୍ରୀମନ୍ଦିର ଗର୍ଭଗୃହ, ନାଟମଣ୍ଡପ, ଭୋଗମଣ୍ଡପ, ଜଗମୋହନ ସମେତ ଭିତର ବେଢ଼ାରେ ଥିବା ପାର୍ଶ୍ୱ ଦେବଦେବୀ ମନ୍ଦିରଗୁଡ଼ିକର ସୁନ୍ଦର ଭାବେ କରାଯିବ ଆଲୋକୀକରଣ। ଏଥିପାଇଁ ସୋମବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏଏସ୍ଆଇ ଅଧିକାରୀ, ପରିଚାଳନା କମିଟି ସେବାୟତ ସଦସ୍ୟ, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀଙ୍କ ସମେତ ଓବିସିସି ଅଧିକାରୀ ଉପସ୍ଥିତ ଥିଲେ। ପ୍ରସ୍ତାବିତ ଆଲୋକୀକରଣ ସକାଶେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କେତେକ ନିର୍ଦ୍ଦିଷ୍ଟ ପରାମର୍ଶ ଦିଆଯାଇଥିଲା। ଏଏସ୍ଆଇର ବୈଷୟିକ ପରାମର୍ଶ ଏବଂ ମାର୍ଗଦର୍ଶନରେ ବିସ୍ତୃତ ରୂପରେଖ ପ୍ରସ୍ତୁତି କରାଯାଇଛି। ଏହି କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ। ଏଥିପାଇଁ ୧୭ରୁ ୧୮ କୋଟି ଟଙ୍କାର ବଜେଟ ମଧ୍ୟ କରାଯାଇଛି। ଶ୍ରୀମନ୍ଦିର ଚାରିଦ୍ୱାର, ମେଘନାଦ ପାଚେରି, କୁରୁମବେଢ଼ା, ଜଗମୋହନ, ନାଟମଣ୍ଡପ, ଆନନ୍ଦ ବଜାରର



ଆଲୋକୀକରଣ ହେବ। ସେହିପରି ଭିତର ବେଢ଼ାରେ ମା' ଲକ୍ଷ୍ମୀ, ବିମଳାଙ୍କ ସହିତ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିରର ଆଲୋକୀକରଣ କରାଯିବ। ଏହି ଆଲୋକୀକରଣ ବ୍ୟବସ୍ଥାର ୫ ବର୍ଷ ପାଇଁ ରକ୍ଷଣାବେକ୍ଷଣ ନେଇ ମଧ୍ୟ ଖୁବ୍‌ଶୀଘ୍ର ଟେଣ୍ଡର କରାଯିବ। ଶ୍ରୀମନ୍ଦିରକୁ ଆଲୋକୀକରଣ କରାଯିବା ପରେ ପୁରୀକୁ ଆସୁଥିବା ଶ୍ରଦ୍ଧାଳୁମାନେ ନୂଆ ଅନୁଭୂତି ପାଇପାରିବେ। ଆସନ୍ତା ୩ରୁ ୪ ମାସ ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ବୈଠକରେ ଆଲୋଚନା କରାଯାଇଛି।

### ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ

# ନୂଆ କୁଳପତି ହେଲେ ପ୍ରଭାତ ମହାପାତ୍ର

ପୁରୀ,୬।୪(ସମିସ): ଓଡ଼ିଶାର ରାଜ୍ୟପାଳ ତଥା କୁଳାଧିପତି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀର ନୂତନ କୁଳପତି ଭାବେ ବିଶିଷ୍ଟ ସଂସ୍କୃତ ପଣ୍ଡିତ ତଥା ପ୍ରଶାସକ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କୁ ନିଯୁକ୍ତି ଦେଇଛନ୍ତି। ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ, ୧୯୮୯ର ଧାରା ୬(୧) ଅନୁଯାୟୀ ଏହି ନିଯୁକ୍ତି ପ୍ରଦାନ କରାଯାଇଛି। ପ୍ରଫେସର ମହାପାତ୍ର ଏକାଧାରରେ ଜଣେ ସୁବକ୍ତା, ଜ୍ୟୋତିଷଶାସ୍ତ୍ର ବିଶାରଦ, ଛାତ୍ରବତ୍ସଳ ଶିକ୍ଷକ ଏବଂ ଜଣେ ଦକ୍ଷ ପ୍ରଶାସକ। ସେ ବର୍ତ୍ତମାନ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର ପୁରୀର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି। ଏହା ପୂର୍ବରୁ ସେ ଜମ୍ମୁସ୍ଥିତ ଶ୍ରୀ ରଣବୀର ପରିସରରେ ଜ୍ୟୋତିଷ ବିଭାଗର ମୁଖ୍ୟ ଏବଂ ଅଗରତାଲାସ୍ଥିତ ଏକଲବ୍ୟ ପରିସରର ନିର୍ଦ୍ଦେଶକ ଭାବେ ସଫଳତାର ସହ ଦାୟିତ୍ୱ ତୁଲାଇଛନ୍ତି। ଗବେଷଣା କ୍ଷେତ୍ରରେ ସେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ଏହାବ୍ୟତୀତ ସେ ଶତାଧିକ ତାତ୍ତ୍ୱିକ ପ୍ରବନ୍ଧ ରଚନା କରିବା ସହ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଅନେକ କର୍ମଶାଳାରେ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ସଂସ୍କୃତର ଗୌରବ ବୃଦ୍ଧି କରିଛନ୍ତି। ଯାଜପୁରର ପ୍ରସିଦ୍ଧ 'ବିରଜା ପଞ୍ଜିକା'ର ସହ ସମ୍ପାଦକ ଭାବେ ମଧ୍ୟ ସେ ଜଣାଶୁଣା। ତାଙ୍କ ଅଧୀନରେ ୧୩ ଜଣ ଗବେଷକ ପିଏଚ୍‌ଡି ଉପାଧି ହାସଲ କରିସାରିଥିବାବେଳେ ଏବେ ମଧ୍ୟ ୩ ଜଣ ଗବେଷଣାରତ। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଭଳି ଏକ ପ୍ରତିଷ୍ଠିତ ଅନୁଷ୍ଠାନର କୁଳପତି ଭାବେ ତାଙ୍କର ନିଯୁକ୍ତିକୁ ନେଇ ଶିକ୍ଷାବିତ୍, ଗବେଷକ ଓ ଛାତ୍ରଛାତ୍ରୀଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି।



ତାଙ୍କର ଏହି ନୂତନ ଦାୟିତ୍ୱ ଗ୍ରହଣ ପରେ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ପ୍ରଶାସନିକ ବାତାବରଣ ଅଧିକ ସୁଦୃଢ଼ ହେବ ବୋଲି ଆଶା କରାଯାଉଛି। ଅବସର ନେବା ପାଇଁ ମାତ୍ର ଏକ ବର୍ଷ ଥିବାବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କାରଣରୁ ତାଙ୍କୁ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ହେବାର ସୁଯୋଗ ମିଳିଛି। ସେ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ନିଷ୍ଠାର ସହ ସମ୍ପାଦନ କରିବେ ବୋଲି କହିଛନ୍ତି ପ୍ରଫେସର ମହାପାତ୍ର।

# ଆଜି ଛତିଶା ନିଯୋଗ ବୈଠକ

ପୁରୀ,୬।୪(ସମିସ): ମଙ୍ଗଳବାର ଅନୁଷ୍ଠିତ ହେବ ଛତିଶା ନିଯୋଗ ବୈଠକ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଅଧ୍ୟକ୍ଷତା କରିବେ। ଏଥିରେ ମୁଖ୍ୟତଃ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରାର ନୀତି ନିର୍ଘଣ୍ଟ କରାଯିବ। ଆସନ୍ତା ୨୦ ତାରିଖରେ ପବିତ୍ର ଅକ୍ଷୟ ତୃତୀୟା। ଏହିଦିନ ରଥ ନିର୍ମାଣର ଅନୁକୂଳ ଆରମ୍ଭ ହେବ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା। ପଞ୍ଚମହାଦେବଙ୍କ ସହ ମିଶି ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିବେ ମହାପ୍ରଭୁ। ତେଣୁ କିପରି ଠାକୁରଙ୍କ ଚନ୍ଦନ ଯାତ୍ରା ନୀତି ଶୃଙ୍ଖଳିତ ହେବ ତାହା ଉପରେ ବୈଠକରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ। ନାଟମଣ୍ଡପରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ଉପରେ ମଧ୍ୟ ଆଲୋଚନା କରାଯିବ। ଆସନ୍ତା ୮ ତାରିଖଠାରୁ ରତ୍ନଅଳଙ୍କାରର ଦ୍ୱିତୀୟ ପର୍ଯ୍ୟାୟ ଗଣତିମଣତି ଆରମ୍ଭ ହେବ। ପ୍ରାୟ ୪ ଦିନ ଧରି ଚାଲିବାକୁ ଥିବା ଏହି ଗଣତିମଣତି ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି କିପରି ଶୃଙ୍ଖଳିତ ରହିବ ଏବଂ ଭକ୍ତମାନଙ୍କ ଦର୍ଶନରେ ବାଧା ନ ଉପୁଜିବ ତା' ଉପରେ ଆଲୋଚନା କରାଯିବ। ଏହାବ୍ୟତୀତ ସଭପତିଙ୍କ ଅନୁମୋଦନକ୍ରମେ ଅନ୍ୟାନ୍ୟ ପ୍ରସଙ୍ଗ ଆଲୋଚନା ହେବା ସମ୍ଭାବନା ରହିଛି।

# ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ସୁବିଧା ପାଇଁ ସଚେତନତା ଯାତ୍ରା



ପୁରୀ,୬।୪(ସମିସ): ପୁରୀ ସହର ଓ ସଦରବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। ହେଲେ ଶୁଣୁନାହାନ୍ତି ସରକାର। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଏଥିପାଇଁ ଗଠିତ ମଞ୍ଚ ପକ୍ଷରୁ ଓଡ଼ିଶା ଦିବସରୁ ଆରମ୍ଭ ହୋଇଥିବା ସଚେତନତା ପଦଯାତ୍ରା ସୋମବାର ପଞ୍ଚମ ଦିନରେ ପହଞ୍ଚିଛି। ଅପରାହ୍ଣରେ କାଳବୈଶାଖୀ ବର୍ଷା ସତ୍ତ୍ୱେ ପଦଯାତ୍ରୀ ଓଦା ହୋଇ ଭକ୍ତ ସାଲବେଗ ପୀଠରୁ ପଦଯାତ୍ରା ଆରମ୍ଭ କରିଥିଲେ। ଏହା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ଆବାହକ ସ୍ୱାଧୀନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ସଚେତନତା ଯାତ୍ରାରେ ସାମ୍ବାଦିକ ନାରାୟଣ ଦାଶ, ଚକ୍ରଧର ମହାପାତ୍ର, ରାମକୃଷ୍ଣ ମହାନ୍ତି, ବିଦ୍ୟୁଲତା ଆଚାର୍ଯ୍ୟ, ସୁକାନ୍ତ ପଣ୍ଡା, ସୂର୍ଯ୍ୟ ରଥ, ବନିତା ଦିକ୍ଷୀତ୍, ବିଶ୍ୱନାଥ ମିଶ୍ର, ସନ୍ତୋଷ ସେନାପତି, ସଦାଶିବ ପଣ୍ଡା, ଅମୂଲ୍ୟ ଦାସ, ବିକାଶ ଦତ୍ତ ପ୍ରମୁଖ ଯୋଗଦେଇଥିଲେ।

# ବାଲୁକା କଳାରେ 'ବିନ୍ଦୁସାଗର' ପ୍ରମୋସନ



ପୁରୀ,୬।୪(ସମିସ): ଆସନ୍ତା ୧୭ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର 'ବିନ୍ଦୁସାଗର'। ବାଲୁକା କଳାରେ ଏହାର ପ୍ରମୋସନ କରାଯାଇଛି। ବାଲୁକା କଳା ମାଧ୍ୟମରେ କୌଣସି ସିନେମାର ପ୍ରମୋସନ ଓଡ଼ିଆ ସିନେ ଇତିହାସରେ ପ୍ରଥମ ବୋଲି କୁହାଯାଉଛି। ପୁରୀ ବେଳାଭୂମିରେ ଏହି ସୁନ୍ଦର ବାଲୁକା କଳା ନିର୍ମାଣ କରିଛନ୍ତି ପ୍ରସିଦ୍ଧ ବାଲୁକା ଶିଳ୍ପୀ ନିକୁଞ୍ଜ କିଶୋର ନାୟକ। ବେଳାଭୂମିରେ ବୁଲୁଥିବା ପର୍ଯ୍ୟଟକଙ୍କୁ ମଧ୍ୟ ଏହା ବେଶ୍ ଆକର୍ଷିତ କରିଥିଲା। ନିକୁଞ୍ଜଙ୍କ ଅନୁରୋଧ କ୍ରମେ ପର୍ଯ୍ୟଟକଙ୍କୁ ଉତ୍ସାହିତ କରିବା ପାଇଁ 'ବିନ୍ଦୁସାଗର' ଟିମ୍ ସେଠାରେ ପହଞ୍ଚିଥିଲେ ଓ ଦର୍ଶକଙ୍କ ସହ ସେଲ୍ଫି ନେଇଥିଲେ। ଚଳଚ୍ଚିତ୍ର 'ବିନ୍ଦୁସାଗର'ର ଏହି ଟିମ୍‌ରେ ଅଭିନେତ୍ରୀ ପ୍ରକୃତି ମିଶ୍ର, ଅଭିନେତା ଦୀପନ୍ୱିତ ଦାସ ମହାପାତ୍ର, ନିର୍ଦ୍ଦେଶକ ଅଭିଷେକ ସ୍ୱାଇଁ, କାହାଣୀକାର ଅଭିଷେକ ଦାସ, ସଙ୍ଗୀତ ନିର୍ଦ୍ଦେଶକ ମହାଦେବ ରାଉତ, ପିଆର୍ ଟିମ୍‌ରୁ ହରପ୍ରସାଦ ମହାପାତ୍ର ଓ ଆଜିର ରେବତୀ ଚଳଚ୍ଚିତ୍ରର କାହାଣୀକାର ବଦ୍ରି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୁରୀ ଟାଉନ ଥାନାର ଭାରପ୍ରାପ୍ତ ଅଧିକାରୀ ଗୋକୁଳ ରଞ୍ଜନ ଦାସ ଓ ଗବେଷକ ଡ. କାଳନ୍ଦୀ ଚରଣ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜୁଆ ଆଡ୍ଡାରେ ଚଢ଼ଉ; ୫ ଜଣଙ୍କୁ କାବୁ

ପୁରୀ,୬।୪(ସମିସ): ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ଜୁଆ ଆଡ୍ଡା ଚାଲିଛି। ଅନେକ ସମୟରେ ପୁଲିସ ଚଢ଼ଉ କରି ଅଭିଯୁକ୍ତଙ୍କୁ କାବୁ କରୁଛି। ତଥାପି ଏଥିରେ ରୋକ୍ ଲାଗିପାରୁନାହିଁ। ଚନ୍ଦନପୁର ଥାନା ଅଞ୍ଚଳରେ ଅଧିକ ମାତ୍ରାରେ ଏହି ଜୁଆ ଖେଳ ଚାଲିଛି। ବିଭିନ୍ନ ସମୟରେ ଚଢ଼ଉ କରାଯାଉଥିଲେ ବି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଜୁଆଡ଼ିମାନେ ସକ୍ରିୟ ରହୁଛନ୍ତି। ସୋମବାର ଚନ୍ଦନପୁର ପୁଲିସ ପୁଣି ଏକ ଜୁଆ ଆଡ୍ଡାରେ ଚଢ଼ଉ କରି ୫ ଜଣଙ୍କୁ କାବୁ କରିଛି। ସେମାନେ ହେଲେ ଚନ୍ଦନପୁର ଥାନା ଅନ୍ତର୍ଗତ ଅଠରଭାଗର ପବିତ୍ର ବେହେରା (୨୬), ଦୁଷ୍ମନ୍ତ ବେହେରା (୩୧), ଖଣ୍ଡିଘରର ପ୍ରଭାତ ପ୍ରଧାନ (୨୭), ହେମନ୍ତ ପ୍ରଧାନ (୩୮) ଓ ରୋହିତ ପ୍ରଧାନ (୩୦)। ସୂଚନା ଅନୁଯାୟୀ, ଗୌଡ଼ିକେରା ପଞ୍ଚାୟତ ମାଳ ଗ୍ରାମାଞ୍ଚଳର ଏକ ଭିଡିଓ ସୋସିଆଲ ମିଡିଆରେ ପୁଲିସ ନଜରକୁ ଆସିଥିଲା। ମାଳ ଗ୍ରାମରୁ ପ୍ରାୟ ୧ କିମି ଦୂରରେ ଥିବା ଏକ ବିଲ ଭିତରେ କିଛି ବ୍ୟକ୍ତି ଅବୈଧ ଭାବେ ଜୁଆ ଖେଳୁଥିବା ଦେଖାଯାଇଥିଲା। ଏହି ସୂଚନାକୁ ଗୁରୁତ୍ୱର ସହ ନେଇ ଚନ୍ଦନପୁର ଥାନା ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ପୁଲିସ ସେଠାରେ ଚଢ଼ଉ କରି ଘଟଣାସ୍ଥଳରୁ ୫ ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ଏଥିସହ ୭,୬୭୦ ଟଙ୍କା, ୬ଟି ବାଇକ୍, ୬ଟି ମୋବାଇଲ୍ ଫୋନ୍ ମଧ୍ୟ ଜବତ କରାଯାଇଛି। ଏ ନେଇ ଚନ୍ଦନପୁର ଥାନାରେ ଏକ ମାମଲା (ନଂ.୭୩/୨୬) ରୁଜୁ କରାଯାଇ ୫ ଜୁଆଡ଼ିଙ୍କୁ ନୋଟିସ୍ ଦିଆଯାଇ ଛଡ଼ାଯାଇଛି। ପୁଲିସ ପକ୍ଷରୁ ଅବୈଧ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖାଯାଇଛି ଏବଂ ଏପରି କାର୍ଯ୍ୟରେ ଜଡ଼ିତ ଲୋକମାନଙ୍କ ବିରୋଧରେ କଡ଼ା ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ଉଦୟନାଥ ଏକାଡେମୀର ରୌପ୍ୟ ଜୟନ୍ତୀ ଉତ୍ସବ

# ଜୀବନର ସନ୍ଧାନରେ ବିଭୋର ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ

ପୁରୀ, ୬।୪ (ସମିସ): ଗୋପାଳପୁର ବାଲିଘାଟସ୍ଥିତ ଶିଶୁ ଶିକ୍ଷାନୁଷ୍ଠାନ ଉଦୟନାଥ ଏକାଡେମୀର ରୌପ୍ୟ ଜୟନ୍ତୀ ଉତ୍ସବ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ ମିଶ୍ର, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ଏବଂ ଶିକ୍ଷା ସଂଗଠକ କବିରାଜ ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପିଲାଦିନ ସମସ୍ତଙ୍କର ପ୍ରିୟ। ମଣିଷ ଯେତେ ବଡ଼



ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଡ. ଅମ୍ଲାନ ଜ୍ୟୋତି ମହାନ୍ତି, ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରଭାକର ତ୍ରିପାଠୀ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଚାରୁଲତା ହେଲେବି ତା' ଭିତରୁ ପିଲାଦିନ କୁଆଡ଼େ ଯାଏ ନାହିଁ। ବିଦ୍ୟାଳୟ ହେଉଛି ଏକ ବିକଳ୍ପ ଘର। ପିଲାମାନେ ପ୍ରିୟଜନଙ୍କୁ ଛାଡ଼ି ବିଦ୍ୟାଳୟରେ ଯେତିକି ସମୟ ରୁହନ୍ତି ସେ ସମୟ ଅମୂଲ୍ୟ। ପିଲାମାନେ ଆନନ୍ଦ ଅନ୍ୱେଷଣ କର, ବିଭୋର ହୁଅ ଜୀବନର ସନ୍ଧାନରେ। ସ୍ୱପ୍ନ ସାକାର କରି ଭଲ ମଣିଷ ହେବା ପାଇଁ ଅତିଥିମାନେ ସୁନ୍ଦର ପରାମର୍ଶ ଦେଇଥିଲେ। ପରିଚାଳନା କମିଟି ସଭାପତି ରଶ୍ମି ରଞ୍ଜିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦିକା ସସ୍ମିତା ସ୍ୱାଇଁ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଉପସଭାପତି ଦିନେଶ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟକ୍ଷା ସୁଜାତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରଶଂସା ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସମବେତ ସ୍ୱାଗତ ସଙ୍ଗୀତ, ଓଡ଼ିଶୀ, ସମ୍ବଲପୁରୀ ଓ ଦେଶାତ୍ମବୋଧ ନୃତ୍ୟ, ଭଜନ ନୃତ୍ୟ ଆଦି ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସରୋଜ ମହାନ୍ତି ମଞ୍ଚ ସଞ୍ଚାଳନ କରିଥିବାବେଳେ ସୁରେଖା ଜେନା, ଚନ୍ଦ୍ରଶେଖର ପାଢ଼ୀ, ପୁଷ୍ପାଞ୍ଜଳି ପ୍ରଧାନ, ବିଷ୍ଣୁପ୍ରିୟା ସାହୁ, ହରପ୍ରିୟା ନାୟକ, ପିଙ୍କି ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

10001/18/2627

ଅଂଶୁଘାତ ସତର୍କତା

ଲକ୍ଷଣ
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



ସତର୍କତା
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

ପ୍ରତିକାର
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

OIPR-10001/10003/2/26-27/0001

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

# କାଳ ଭଳି ଆସିଲା କାଳବୈଶାଖୀ





ନୟାଗଡ଼/ଗଣିଆ, ୬ ।୪(ସମିସ): ନୟାଗଡ଼ ଜିଲ୍ଲାରେ ସୋମବାର ଅପରାହ୍ନରେ କାଳବୈଶାଖୀ ବ୍ୟାପକ କ୍ଷୟକ୍ଷତି କରିଛି। ନୟାଗଡ଼ରେ କାଳବୈଶାଖୀ ପ୍ରଭାବରେ ବର୍ଷା ହୋଇଥିଲା। କିଛି ସ୍ଥାନରେ ପବନ ମଧ ହୋଇଥିଲା। କିନ୍ତୁ ଦଶପଲ୍ଲାରେ କାଳବୈଶାଖୀ କାଳ ଭଳି ଆସି ସବୁକିଛି ଛାରଖାର କରି ଦେଇଛି। ୨୨୪ତମ ଲଙ୍କାପୋଡ଼ି ଯାତ୍ରା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି।

ଦଶପଲ୍ଲାରେ ଐତିହ୍ୟପୂର୍ଣ୍ଣ ଲଙ୍କାପୋଡ଼ି ଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। ରାତ୍ରି ପାହିଥିଲେ ଲଙ୍କାପୋଡ଼ି ଯାତ୍ରା ଧୁମୁଧାମ୍‌ରେ ଅନୁଷ୍ଠିତ ହୋଇଥାନ୍ତା। କିନ୍ତୁ କାଳବୈଶାଖୀ ସବୁ ଛାରଖାର କରିଦେଇଛି। ବ୍ୟବସାୟ କରିବାକୁ ଆସିଥିବା ବ୍ୟବସାୟୀ ବହୁତ ଅସୁବିଧା ଭୋଗିଛନ୍ତି। ବିରାଟ ତୋରଣ ଭାଙ୍ଗି ତଳେ ପଡ଼ିଥିବା ବେଳେ ସବୁଠାରୁ ଆକର୍ଷଣୀୟ ୩୫ ଫୁଟର ରାବଣ ଝଡ଼ତୋଫାନ ଏବଂ କୁଆପଥର ମାଡ଼ରେ କ୍ଷତିଗ୍ରସ୍ତ ହୋଇଛି। ରାବଣ ମୁଣ୍ଡ ଭାଙ୍ଗି ଖସିପଡ଼ିଛି। ବିରାଟ ଗଛଭାଙ୍ଗି ଦୋକାନ ଏବଂ ରାସ୍ତାଘାଟ ଅବରୋଧ ହେଇଛି। ଦଶପଲ୍ଲା ଅଗ୍ନିଶମ ବାହିନୀ ଗଛକୁ ସଫା କରୁଛନ୍ତି। ଦଶପଲ୍ଲା ପୁଲିସ ଗଛ ସଫା ସହ ଗାଡ଼ିଗୁଡ଼ିକୁ ସୁଚାରୁରୂପେ ଯାତାୟାତ କରାଉଛନ୍ତି। କେଉଁ ଭଳି ଭାବରେ ସୁଚାରୁରୂପେ ଲଙ୍କାପୋଡ଼ି ଯାତ୍ରା ହେବ ସେ ନେଇ ଲଙ୍କାପୋଡ଼ି ଯାତ୍ରା କମିଟି ପକ୍ଷରୁ ସମସ୍ତ ସଦସ୍ୟ ଆପ୍ରାଣ ଚେଷ୍ଟା ଚଳାଇଛନ୍ତି।

**● ନୟାଗଡ଼ରେ ବର୍ଷିଲା, ଦଶପଲ୍ଲାରେ ଛାରଖାର**
**● କ୍ଷତିଗ୍ରସ୍ତ ହେଲା ଲଙ୍କାପୋଡ଼ି ଯାତ୍ରା**
**● ଭାଙ୍ଗିଲା ରାବଣ ମୁଣ୍ଡ ଓ ତୋରଣ**

## ବାସହରା କଲା କଳାବୈଶାଖୀ

କଣ୍ଟିଲୋ/ଭାପୁର, ୬ ।୪(ସମିସ): କଣ୍ଟିଲୋ ନିକଟ ପଥରଚକଡ଼ା ପଞ୍ଚାୟତ ମାଧପୁର ଗ୍ରାମରେ କଳାବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ଓ ବଜ୍ରପାତ ଯୋଗୁଁ ଗ୍ରାମର ମଣି ମୁଦୁଲିଙ୍କ ଘରର ଟିଣ ଛପର ଉଡ଼ିଯିବା ସହ ଅନେକ ଆସବାବପତ୍ର କ୍ଷୟକ୍ଷତି ହୋଇଛି।



ପଞ୍ଚାୟତର ସାମାଜିକ କର୍ମୀ ସୌମ୍ୟରଞ୍ଜନ ସାହୁଙ୍କ ନେତୃତ୍ୱରେ କିଛି ଯୁବକ ତାଙ୍କୁ ସହଯୋଗ କରିଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ କ୍ଷୟକ୍ଷତି ପରିବାରକୁ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**● କୋରଡ଼ା ବାଣ ବିସ୍ଫୋରଣ ଘଟଣା**

## ଆଉ ଜଣେ ମୃତ; ସଂଖ୍ୟା ୨କୁ ବୃଦ୍ଧି

ନୟାଗଡ଼/ନୂଆଗାଁ, ୬ ।୪(ସମିସ): ନୂଆଗାଁ ଥାନା କୋରଡା ଗ୍ରାମରେ ବାଣ ବିସ୍ଫୋରଣ ଘଟଣାରେ ୬ ଜଣ ଗୁରୁତରଙ୍କ ମଧ୍ୟରୁ ପୂର୍ବରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ସୋମବାର ଆଉ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୋରଡ଼ା ଗ୍ରାମର ନିରଞ୍ଜନ ନାହାକ। ପୂର୍ବରୁ ମୀନାଗାଡ଼ିଆ ଗ୍ରାମର ବାପି ନାୟକଙ୍କ ମୃତ୍ୟୁ ହୋଇଥିଲା। କୋରଡ଼ା ଗ୍ରାମର ହାଡ଼ିବନ୍ଧୁ ସେଠୀ ଏବଂ ତାଙ୍କ ପୁଅ ନବକିଶୋର ସେଠୀ ଦୀର୍ଘଦିନ ଧରି ବାଣ ନିର୍ମାଣ କରିବା ସହ ବ୍ୟବସାୟ କରି ଆସୁଥିଲେ। ହାଡ଼ିବନ୍ଧୁଙ୍କ ପତ୍ନୀ କୁନି ଦେଇ ଏହି କାରବାରର ମଖ୍ୟ କାର୍ପଟଦାର ଥିଲେ। ହାଡ଼ିବନ୍ଧୁଙ୍କ ଘର ବାରିପଟ କଦଳୀ ବଗିଚା ନିକଟରେ ରହିଥିବା କୁଡ଼ିଆରେ ବାଣ ନିର୍ମାଣ କରାଯାଉଥିଲା। ଏହି ବିସ୍ଫୋରଣରେ ହାଡ଼ିବନ୍ଧୁଙ୍କ ସମେତ ତାଙ୍କ ପୁଅ ନବ, କୋରଡ଼ା ଗ୍ରାମର ନିରଞ୍ଜନ ନାୟକ, ମୀନାଗାଡ଼ିଆ ଗ୍ରାମର ବାପି ନାୟକ, ମନୋଜ ନାୟକ ପଡ଼ୋଶୀ ଘରେ ରହି ପାଠ ପଢୁଥିବା ଗଞ୍ଜାମ ଅଞ୍ଚଳର ନାବାଳକ ଅମ୍ରିତ ସେଠୀ ଗୁରୁତର ହୋଇଥିଲେ। ବାପି ନାୟକ ଓ ନିରଞ୍ଜନ ନାହାକଙ୍କର ଭୁବନେଶ୍ୱର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି।

**● ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା**

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ୧୬ ଦଫା ଦାବିପତ୍ର ପ୍ରଦାନ

ଭାପୁର, ୬ ।୪(ସମିସ): ଭାପୁର ବ୍ଲକ ସ୍ୱାସ୍ଥ୍ୟ ସେବାରେ ସବୁବେଳେ ଉପେକ୍ଷିତ ହୋଇଆସୁଛି। ସମସ୍ୟା ସମାଧାନ ସହ ସେବାରେ ସୁଧାର ପାଇଁ ବ୍ଲକର ଜନସାଧାରଣ ଦଳମତ ନିର୍ବିଶେଷରେ ୧୬ ଦଫା ସମ୍ବଳିତ ଦାବିପତ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ବ୍ଲକର ୨ ଲକ୍ଷ ଜନସାଧାରଣ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ। ମାତ୍ର ବର୍ଷ ବର୍ଷ ଧରି ପ୍ରଶାସନିକ ଅଧିକାରୀ ଓ ରାଜନୈତିକ ବ୍ୟକ୍ତିଙ୍କ ଶୁଭଦୃଷ୍ଟି ଡାକ୍ତରଖାନା ଉପରେ ପଡ଼ି ପାରୁନାହିଁ। ଏ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ଏହାର ନକଲ ମୁଖ୍ୟମନ୍ତ୍ରୀ, ବିଧାୟକ, ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ, ଏସ୍‌ପି, ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଭେଷଜ ବିଶେଷଜ୍ଞ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ପଦବୀ ପୂରଣ, ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ, ଡାକ୍ତରଖାନା ପରିସରରେ ଆହାର କେନ୍ଦ୍ର ଖୋଲିବା, ଅଧିକ ସଂଖ୍ୟକ ଲ୍ୟାବ୍ ଟେକ୍ନିସିଆନ ଓ ଷ୍ଟାଫ ନର୍ସ ନିଯୁକ୍ତି, ଏକ୍ସ-ରେ ଓ ଇସିଜି ମେସିନ ସ୍ଥାପନ, ନିରାମୟ କେନ୍ଦ୍ରରେ ସମସ୍ତ ଔଷଧ ଯୋଗାଣ ସହ ୨୪ ଘଣ୍ଟା ବିତରଣ, କମ୍ପ୍ୟୁଟର ମାଧ୍ୟମରେ ରୋଗୀଙ୍କ ପଞ୍ଜୀକରଣ, ବରିଷ୍ଠ ନାଗରିକଙ୍କୁ ପ୍ରାଥମିକତା ପ୍ରଦାନ, ଚକ୍ଷୁ ବିଶେଷଜ୍ଞଙ୍କ ଡେପୁଟେସନ ବାତିଲ କରି ସବୁଦିନିଆ କରିବା, ମାତୃ ଓ ଶିଶୁମଙ୍ଗଳ ଗୃହ ପ୍ରତିଷ୍ଠା, ଦୀର୍ଘବର୍ଷ ହେଲା କାର୍ଯ୍ୟରତ କର୍ମଚାରୀଙ୍କୁ ବଦଳି ଓ ଡାକ୍ତରଖାନାରେ ପୁଲିସ ମୁତୟନ କରିବାକୁ ଦାବି ରହିଛି। ମାସକ ମଧ୍ୟରେ ଦାବି ପୂରଣ ନ ହେଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲେଇବେ ବୋଲି ଚେତାବନୀ ଦିଆଯାଇଛି।

## ୨୬ ୟୁନିଟ୍ ରକ୍ତ ସଂଗ୍ରହ

ଓଡ଼ଗାଁ, ୬ ।୪(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟର ଯୁବ ରେଡକ୍ରସ, ରେଡରିବନ କ୍ଲବ୍, ଜାତୀୟ ସେବା ଯୋଜନା ଏବଂ ଭାରତ ସ୍କାଉଟ ଆଣ୍ଡ ଗାଇଡ ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଓଡ଼ିଆ ପକ୍ଷ ପାଳନ ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୨୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜକିଶୋର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ।

**ଶ୍ରୀରାମ ନବମୀ ଯାତ୍ରା ଅନ୍ତିମ ସନ୍ଧ୍ୟା**

## ଶ୍ରୀରଘୁନାଥଜୀଉଙ୍କ ରାଜ୍ୟାଭିଷେକ ବେଶ



ଓଡ଼ଗାଁ, ୬ ।୪(ସମିସ): ନୟାଗଡ଼ ଜିଲ୍ଲାର ପ୍ରସିଦ୍ଧ ଓଡଗାଁ ସ୍ୱର୍ଣ୍ଣ କଳସ କ୍ଷେତ୍ରରେ ବିଜେ ଶ୍ରୀ ରଘୁନାଥ ଜୀଉଙ୍କ ଶ୍ରୀରାମ ନବମୀ ଯାତ୍ରାର ନବଦିନୀୟ ସନ୍ଧ୍ୟା ବେଶର ଅନ୍ତିମ ପର୍ବ ଅନୁଷ୍ଠିତ ହୋଇଛି। ସୋମବାର ଅନ୍ତିମ ସନ୍ଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ରାଜ୍ୟାଭିଷେକ ବେଶ ଦର୍ଶନ କରି ଶ୍ରଦ୍ଧାଳୁମାନେ ମନରେ ଅପାର ପ୍ରଶାନ୍ତି ଓ ଆନନ୍ଦ ଅନୁଭବ କରିଥିବା ଦେଖାଯାଇଥିଲା। ଯାତ୍ରା ଅବସରରେ ସମଗ୍ର ଓଡଗାଁ ଅଯୋଧ୍ୟା ନଗରୀ ଭ୍ରମ ସୃଷ୍ଟି କରିଥିଲା। ନବଦିନ ଧରି ଶ୍ରୀରାମଙ୍କ ଜନ୍ମ ବିଧାନ କର୍ମଠାରୁ ଆରମ୍ଭ କରି ସୀତା ବିବାହ, ବନବାସ ଓ ଶେଷରେ ସିଂହାସନ ଆରୋହଣ ପର୍ଯ୍ୟନ୍ତ ସମସ୍ତ ଘଟଣାକୁ ଆକର୍ଷଣୀୟ ଭାବେ ପ୍ରଦର୍ଶନ କରାଯାଇଥିଲା। ବିଶେଷ କରି ୧୪ ବର୍ଷର ବନବାସ ଘଟଣା ଯେଉଁଠି ଭକ୍ତମାନଙ୍କ ହୃଦୟକୁ ବିଷାଦମୟ କରିଥିଲା, ସେଠି ରାଜ୍ୟାଭିଷେକ ବେଶ ଦର୍ଶନ ମନରେ ଶତଗୁଣ ଆନନ୍ଦ ଭରିଦେଇ ଥିଲା। ରତ୍ନ ବେଦୀରେ ଶ୍ରୀରାମ ଓ ମା' ସୀତାଙ୍କ ଦିବ୍ୟ ଦର୍ଶନ ସହ ଲକ୍ଷ୍ମଣ ଛତ୍ରଧାରୀ ଭାବେ ଦଣ୍ଡାୟମାନ ଥିବା ବେଳେ ଭରତ ଓ ଶତ୍ରୁଘ୍ନ ଚାମର ପକାଉଥିଲେ। ଭକ୍ତ ହନୁମାନ ପ୍ରଭୁଙ୍କ ପାଦପଦ୍ମରେ ଆଣ୍ଠୁମାଡି ପ୍ରଣାମ କରୁଥିବା ଦୃଶ୍ୟ ଅତ୍ୟନ୍ତ ଥିଲା ଅତ୍ୟନ୍ତ ହୃଦୟସ୍ପର୍ଶୀ। ସେହିପରି ବିଭିଷଣ, ସୁଗ୍ରୀବ, ଜାମ୍ବବାନ ସମେତ ଦେବାଦେବୀଙ୍କ ଉପସ୍ଥିତି ଦୃଶ୍ୟକୁ ଅଧିକ ଜୀବନ୍ତ କରିଥିଲା। ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ମନ୍ଦିର ପରିଛା ହରିବନ୍ଧୁ ଷଡ଼ଙ୍ଗୀ, ପାଳିଆ ପଣ୍ଡା, ପୁଜକ ପରିଷଦ ସଭାପତି ପ୍ରଫୁଲ୍ଲ ମହାପାତ୍ର ଓ ଅନ୍ୟାନ୍ୟ ସଦସ୍ୟ ଗଣ, ସୁଆର ସେବକ ପରିଷଦ ସଭାପତି ଓ ସଦସ୍ୟଙ୍କ ସହଯୋଗ ଏବଂ ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ ନୀତିକାର୍ଯ୍ୟ ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା। ଯାତ୍ରାକୁ ଶୃଙ୍ଖଳିତ ରଖିବା ତଥା ଶ୍ରଦ୍ଧାଳୁଙ୍କ ନିର୍ଭୟ ଦର୍ଶନ ଉଦ୍ଦେଶ୍ୟରେ ଓଡଗାଁ ଥାନା ଅଧିକାରୀ ସତ୍ୟନାରାୟଣ ବାରିକଙ୍କ ନେତୃତ୍ୱରେ ପୁଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ଚୋରା ବୋଲେରୋ ଜବତ, ୬ ଛେଳି ଉଦ୍ଧାର

ଓଡ଼ଗାଁ, ୬ ।୪(ସମିସ): ଓଡ଼ଗାଁ ଥାନା ଅଞ୍ଚଳରେ ଗତ ୫ ଦିନ ମଧ୍ୟରେ ପ୍ରାୟ ୩୫ ଛେଳି ଚୋରି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ରବିବାର ବିଳମ୍ବିତ ରାତିରେ ବାଣ୍ଟପୁର ପଞ୍ଚାୟତ ନିହଲପ୍ରସାଦ ଓ ଓସ୍ତିଆ ଗ୍ରାମରୁ ୮ଟି ଛେଳି ଚୋରି ହୋଇଥଲା। ଦୁର୍ବୃତ୍ତମାନେ ଏହି ଛେଳିଙ୍କୁ ଏକ ବୋଲେରୋ ଗାଡ଼ିରେ ନେଇଯାଉଥିବା ବେଳେ ଗ୍ରାମବାସୀଙ୍କ ହାତରେ ଧରାପଡ଼ିଥିଲେ। ଚୋରି କରି ଚାଲିଯାଉଥିବା ସମୟରେ ବାଣ୍ଟପୁର କୁକୁଡ଼ା ଫାର୍ମ ନିକଟରେ ବୋଲେରୋ ଓଲଟି ପଡ଼ିବାରୁ ଚୋରମାନେ ଅନ୍ଧାର ସୁଯୋଗରେ ଲୁଚି ଯାଇଥିଲେ। ଘଟଣାସ୍ଥଳରୁ ୬ଟି ଛେଳି ସହ ବୋଲେରୋ ଗାଡ଼ିକୁ ଗ୍ରାମବାସୀ ଅଟକାଇ ପୁଲିସକୁ ଖବର ଦେଇଥିଲେ। ପୁଲିସ ଗାଡ଼ି ଓ ଛେଳିଗୁଡ଼ିକୁ ଥାନାକୁ ନେଇଥିବା ବେଳେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ଜଣେ ମହିଳାଙ୍କୁ ପଚରାଉଚରା କରୁଛି। ଜବତ ବୋଲେରୋ ଏକମାସ ପୂର୍ବରୁ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ଅଞ୍ଚଳରୁ ଚୋରି ହୋଇଥିଲା। ଉଦ୍ଧାର ହୋଇଥିବା ଛେଳିଙ୍କୁ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଏହାସହ ଗତ କିଛିଦିନ ଧରି ଧବଳେଇ ଓ ହାତିଆଶିଳା ଅଞ୍ଚଳରୁ ମଧ ବହୁ ଛେଳି ଚୋରି ନେଇ ଥାନାରେ ଅଭିଯୋଗ ହୋଇଛି। ପୁଲିସ ପଚରାଉଚରା ପରେ ଏକ ବଡ଼ ଛେଳି ଚୋର ଗ୍ୟାଙ୍ଗର ପର୍ଦାଫାସ କରିବ ବୋଲି ଆଶା କରାଯାଉଛି।

## ଓଡ଼ିଆ ପକ୍ଷରେ ସ୍ୱଚ୍ଛତା ଅଭିଯାନ

ଗଣିଆ, ୬ ।୪(ସମିସ): ଗଣିଆ ପଞ୍ଚାୟତ ସମିତି ଆନୁକୂଲ୍ୟରେ ଗଣିଆ ବ୍ଲକର ବିଭିନ୍ନ ସ୍ଥାନରେ ଓଡ଼ିଆ ସ୍ୱଚ୍ଛତା ପକ୍ଷ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଣିଆରେ ଥିବା ରଘୁନାଥ



ଜୀଉ ମନ୍ଦିର, ଜଗନ୍ନାଥ ମନ୍ଦିର, ମା କଳାପାଟ ଠାକୁରାଣୀ ବିଜେସ୍ଥଳୀ ଏବଂ ଛାମୁଣ୍ଡିଆ ସାତକୋଶିଆ ଗଣ୍ଡରେ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏବିଡିଓ ରତନଲାଲ ଲୋହରା, ସାମାଜିକ ସୁରକ୍ଷା ଅଧିକାରୀ ପ୍ରଣୟ କୁମାର ନାୟକ, ବିପିଏମ୍ ଅମ୍ବିକା ପ୍ରସାଦ ମିଶ୍ର, କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁନୀଲ କୁମାର ବେହେରା, ମେନକା ମଲ୍ଲିକ, ମଳୟ ରଞ୍ଜନ ପଟ୍ଟନାୟକ, ଏଡିଇଓ ଅନିଲ କୁମାର କହଁର, ବିଏଲସି ସୁନିତା ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କ ଠାରୁ ଆରମ୍ଭ କରି ପ୍ରାଣୀମିତ୍ର, ସିଆରପି, କୃଷି ମିତ୍ର, ଏମବିକେ, ବିଭିନ୍ନ ମହିଳା ସଙ୍ଗଠନର ସଦସ୍ୟାମାନେ ଅଂଶ ଗ୍ରହଣ କରିଥିଲେ। ଦେବାଳୟ ଏବଂ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ବିଭିନ୍ନ ଅଳିଆ ଆବର୍ଜନା ଗଦା ହୋଇ ପରିବେଶ ଦୂଷିତ ହେଉଥିଲା। ସମସ୍ତଙ୍କ ସହଯୋଗରେ ଅଳିଆ ଆବର୍ଜନା ସଫା ହେବା ସହିତ ସେଗୁଡିକୁ ଏକାଠି କରି ପୋଡି ଦିଆଯାଇଥିଲା। ଏପରିକି ମନ୍ଦିର ପରିଚାଳନା କମିଟି ଏବଂ ପର୍ଯ୍ୟଟନସ୍ଥଳୀ ପରିଚାଳନା କମିଟି ସଦସ୍ୟମାନଙ୍କୁ ଅଳିଆ ନ କରିବା ପାଇଁ ସଚେତନ କରାଯାଇଥିଲା।

**● ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି**

## ୩୭ ଅଭିଯୋଗର ତତ୍କାଳ ସମାଧାନ

ନୟାଗଡ଼, ୬ ।୪(ସମିସ): ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଦର ମହକୁମାରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ନୟାଗଡ଼ ଏସ୍‌ପି ଏସ୍ ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ



ରାଉତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପୁଷ୍ପା ନୀଳିମା ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ। ମୋଟ ୧୪୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରେ ୧୧୪ଟି ବ୍ୟକ୍ତିଗତ ଓ ୮ଟି ଗ୍ରାମ୍ୟ ସମସ୍ୟା ରହିଥିଲା। ୧୭ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଥିଲା। ୩୭ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଜନଶୁଣାଣିରେ ବିଭିନ୍ନ ବିଭାଗ ଅଧିକାରୀ, ନୟାଗଡ଼ ବ୍ଲକ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ମନ୍ଦିର ସଫେଇ କଲେ ସମବାୟ ମନ୍ତ୍ରୀ

ଭାପୁର, ୬ ।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଭାପୁର ବ୍ଲକ ପ୍ରଶାସନ ପକ୍ଷରୁ ଐତିହ୍ୟସ୍ଥଳୀ ଓ ମନ୍ଦିର ସ୍ୱଚ୍ଛତା ଦିବସ ସୋମବାର ଅନୁଷ୍ଠିତ ହୋଇଛି। ଭାପୁର ବଜାର ନିକଟ ଶ୍ରୀରାମବିହାର ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ରାଜ୍ୟ ସମବାୟ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ଦିର ପରିସର ସଫେଇ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ବିଧାୟକ ଙ୍କ ଦୁଷ୍ମନ୍ତ କୁମାର ସ୍ୱାଇଁ, ଭାପୁର ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ନୟାଗଡ଼ ଜିଲ୍ଲା ବିଜେପି ପ୍ରଭାରୀ ସୁରଥ ବିଶ୍ୱାଳ, ଏସ୍‌ଡିପିଓ ମଦନ ମୋହନ ପ୍ରଧାନ, ସାମାଜିକ ସୁରକ୍ଷା ଅଧିକାରୀ ଅମିତ କୁମାର ବେହେରା, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ସାମନ୍ତରାୟ, ସୁଶାନ୍ତ କୁମାର ସାହୁ, ବ୍ଲକ ଯୋଗାଣ ନିରୀକ୍ଷକ ଦୀପକ କୁମାର କହଁର ଯୋଗଦେଇଥିଲେ। ମନ୍ତ୍ରୀ ବଳସାମନ୍ତ ସ୍ୱଚ୍ଛତା ସମ୍ପର୍କରେ ସଚେତନ କରିଥିଲେ।



## କବାଟ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ

ନୟାଗଡ଼, ୬ ।୪(ସମିସ): ନୟାଗଡ଼ ସଦରଥାନା ଅନ୍ତର୍ଗତ ଖଣ୍ଡୁଗାଁ ଗ୍ରାମର ସ୍ୱର୍ଗତ ଶିକ୍ଷକ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଛି। କିଛିଦିନ ହେବ ସ୍ୱର୍ଗତ ମହାପାତ୍ରଙ୍କ ପତ୍ନୀ ସୁଜାତା ମହାପାତ୍ର ବାହାରେ ରହିଥିଲେ। ରବିବାର ରାତିରେ ଚୋରି ହୋଇଥିବା



ନେଇ ସୋମବାର ଜଣାପଡ଼ିଥିଲା। ଗ୍ରାମବାସୀଙ୍କଠାରୁ ଖବରପାଇ ତାଙ୍କ ଝିଅ ଓ ଜ୍ୱାଇଁ ଘର ଖୋଲିବା ପରେ ସମସ୍ତ ରୁମ୍‌ର ତାଲା ଭଙ୍ଗାଯାଇଥିବା, ଆଲମିରା ଭଙ୍ଗା ଯାଇଥିବା ଜଣାପଡ଼ିଥିଲା। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୁଜାତାଙ୍କ କହିବା ଅନୁସାରେ ୨ଟି ଚେନ, ଗୋଟିଏ ସୁନା ବ୍ରତ, ୨ ହଳ କାନଫୁଲ, କେତୋଟି ସୁନା ମୁଦି ଏବଂ ୩ ଶହ ଗ୍ରାମ ସୁନା ସହ ୪ ହଜାର ଟଙ୍କା ଚୋରି ହୋଇଛି। ନିକଟରେ ସଦରଥାନା ବଳଭଦ୍ରପୁର, ଟାଉନଥାନା ଖମାରିସାହି ଗ୍ରାମରୁ ଚୋରି ହୋଇଥିବା ବେଳେ ଖଣ୍ଡୁଗାଁରୁ ଚୋରି ଚାଞ୍ଚଲ୍ୟ ସୃଷ୍ଟି କରିଛି। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ ଅଭିଯୋଗ ହୋଇନାହିଁ।

**ବିଦ୍ୟୁତ ବିଲ ପୈଠ କରୁନି ଶିକ୍ଷା ବିଭାଗ**

## ଗରମରେ ହନ୍ତସନ୍ତ ହେଉଛନ୍ତି ଛାତ୍ରଛାତ୍ରୀ

ଭାପୁର, ୬ ।୪(ସମିସ): ବର୍ତ୍ତମାନ ଅସହ୍ୟ ଗୁଳୁଗୁଳି ସହ ପ୍ରବଳ ଖରା ଅନୁଭୂତ ହେଉଛି। ଗରମ ଗୁଳୁଗୁଳି ସମୟରେ ଲୋକମାନେ ଘରେ ଥିବା ଫ୍ୟାନ କିମ୍ବା ଏସି ଲଗାଇ ଟିକେ ବସି ଯାଇଛନ୍ତି। ହେଲେ ବିଦ୍ୟାଳୟରେ ପାଠ ପଢୁଥିବା ଅନେକ ଛାତ୍ରଛାତ୍ରୀଙ୍କ ଭାଗ୍ୟରେ ଏହା ନାହିଁ। କେତେକ ବିଦ୍ୟାଳୟର ବିଦ୍ୟୁତ ବିଲ ଶିକ୍ଷା ବିଭାଗ ପୈଠ କରୁ ନ ଥିବାରୁ ଗରମ ଗୁଳୁଗୁଳିରେ ଛାତ୍ରଛାତ୍ରୀ ପାଠ ପଢ଼ିବା ଦେଖିବାକୁ ମିଳୁଛି। ଜିଲ୍ଲାରେ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଇଲିମେଣ୍ଟାରୀ ବିଦ୍ୟାଳୟମାନଙ୍କରେ ହେଉଥିବା ବିଦ୍ୟୁତ ବିଲ୍ ବ୍ଲକ ଶିକ୍ଷା ଅଧିକାରୀ ଓ ନବମ, ଦଶମ ଶ୍ରେଣୀ ଥିବା ସେକେଣ୍ଡାରୀ ସ୍କୁଲଗୁଡ଼ିକର ବିଦ୍ୟୁତ ବିଲ ଜିଲ୍ଲା ଶିକ୍ଷା ବିଭାଗ ଦେଇଥାଏ। ମାତ୍ର, ଅନେକ କ୍ଷେତ୍ରରେ ଶିକ୍ଷା ବିଭାଗ ଠିକ ସମୟରେ ବିଲ ପୈଠ କରୁନଥିବାରୁ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ନାହିଁ ନଥିବା ହଇରାଣ ହେଉଛନ୍ତି। ଭାପୁର ବ୍ଲକରେ ପ୍ରତ୍ୟେକ ବିଦ୍ୟାଳୟ ବାକି ଥିବା ବିଦ୍ୟୁତ ବିଲ ବାକି ଥିବାରୁ ମାର୍ଚ୍ଚ ମାସ କଲେକସନ ପାଇଁ ବିଦ୍ୟୁତ ବିଭାଗ ଅଧିକାରୀମାନେ ବିଦ୍ୟାଳୟରେ ପହଞ୍ଚି ବିଲ ଆଦାୟ କରିବାକୁ ଯିଦ କରି ପାଟିତୁଣ୍ଡ କରିଥିବା ବେଳେ ଯେଉଁ ବିଦ୍ୟାଳୟରେ ସ୍ମାର୍ଟ ମିଟର ବସିଛି ସେଠାରେ ଆପେ ଆପେ ଲାଇନ କଟିଯାଉଛି। ଜିଲ୍ଲା ଶିକ୍ଷା ବିଭାଗ କିମ୍ବା ବ୍ଲକ ଶିକ୍ଷା ବିଭାଗ ବିଲ ଦେବେ ବିଦ୍ୟୁତ ବିଭାଗ ବିଲ ନେବ ବିଦ୍ୟୁତ ବ୍ୟବହାର କରିବ ବିଦ୍ୟାଳୟ। ଏପରିସ୍ଥଳେ ଜିଲ୍ଲା ଶିକ୍ଷା ଅଧିକାରୀ କିମ୍ବା ବ୍ଲକ ଶିକ୍ଷା ଅଧିକାରୀଙ୍କ ଦୟାରେ ଛାତ୍ରଛାତ୍ରୀମାନେ ବିଦ୍ୟୁତ ଉପଭୋଗ କରିବା ଦେଖିବାକୁ ମିଳୁଛି। ପ୍ରସଙ୍ଗ କ୍ରମେ ଭାପୁର ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ କଥା ଆଲୋଚନା କରାଯାଇପାରେ। ଏହି ବିଦ୍ୟାଳୟରେ ବ୍ଲକର ସମସ୍ତ ସରକାରୀ ଟ୍ରେନିଙ୍ଗ ପୋଗ୍ରାମ ହୋଇଥାଏ। ଏହି ହାଇସ୍କୁଲର ବିଦ୍ୟୁତ ବିଲ ପ୍ରତିମାସରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟକୁ ପଠାଇ ଦିଆଯାଏ। ମାତ୍ର ସେଠାରେ ଠିକ ସେ ଏହି ବିଲ ପୈଠ ହେଉନଥିବାରୁ ବର୍ତ୍ତମାନ ହଜାର ହଜାର ଟଙ୍କା ବିଦ୍ୟୁତ ବିଲ ବକେୟା ରହିଛି। ଚାରିଦିନ ପୂର୍ବେ ଏଠାରେ ତିନି ଦିନିଆ ଜନଗଣନା ପ୍ରଶିକ୍ଷଣ ଶିବିର ଆୟୋଜିତ ହେଇଥିଲା। ମାତ୍ର ବିଦ୍ୟୁତ ବିଲ ପୈଠ ହୋଇନଥିବାରୁ ଓ ଏଠାରେ ସ୍ମାର୍ଟ ମିଟର ଲାଗିଥିବାରୁ ବିଦ୍ୟୁତ ସଂଯୋଗ ଆପେ ଆପେ କଟି ଯାଇଥିଲା। ଫଳରେ ତହସିଲଦାର, ଅତିରିକ୍ତ ତହସିଲଦାରଙ୍କ ସମେତ ୨୫୦ ଜଣ ପ୍ରଶିକ୍ଷଣ ନେଉଥିବା ଶିକ୍ଷକ ଶିକ୍ଷୟିତ୍ରୀ ଗରମରେ ନାହିଁ ନ ଥିବା ହଇରାଣ ହୋଇଥିଲେ। ପ୍ରଧାନଶିକ୍ଷକ ଧାର କରି ୧୫ ହଜାର ଟଙ୍କା ବିଦ୍ୟୁତ ବିଲ୍ ଜମା କରିବା ପରେ ବିଦ୍ୟୁତ ସଂଯୋଗ ଆସିଥିଲା ଓ ସମସ୍ତେ ଆଶ୍ୱସ୍ତ ହୋଇ ପ୍ରଶିକ୍ଷଣ ନେଇଥିଲେ। ଯେଉଁଠାରେ ସ୍ମାର୍ଟ ମିଟର ଲାଗିଛି ସେଠାରେ ଏଭଳ ଛାତ୍ରଛାତ୍ରୀ ମଧ ହଇରାଣ ହେଉଛନ୍ତି। ଜିଲ୍ଲା ଶିକ୍ଷା ବିଭାଗ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏପରି ହଇରାଣ ନ କରନ୍ତୁ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

## ଜନଗହଳିପୂର୍ଣ୍ଣ ସ୍ଥାନରେ ବିଦେଶୀ ମଦ ଦୋକାନ

ନୟାଗଡ଼, ୬ ।୪(ସମିସ)



ଓଡ଼ଗାଁ ବ୍ଲକ ଗୋଡ଼ିପଡ଼ାଠାରେ ଥିବା ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ପାଇଁ ଦାବି ହୋଇଛି। ଏହି ମଦ ଦୋକାନ ପାଇଁ ଅଞ୍ଚଳରେ ଭୟାନକ ପରସ୍ଥିତି ସୃଷ୍ଟି ହେଉଛି। ସରକାରଙ୍କ ନୀତିନିୟମକୁ ଉଲ୍ଲଂଘନ କରି ଡାକ୍ତରଖାନା ନିକଟରେ ଖୋଲାଯାଇଥିବା ଏହି ମଦ ଦୋକାନ ପାଇଁ ସ୍ଥାନୀୟ ବାସିନ୍ଦା ବ୍ୟାପକ ସମସ୍ୟା ଭୋଗୁଛନ୍ତି। ସରକାରଙ୍କ ନିୟମ ଅନୁସାରେ, ଜନଗହଳିପୂର୍ଣ୍ଣ ସ୍ଥାନରେ ମଦ ଦୋକାନ ଖୋଲିବା ବେଆଇନ ହୋଇଥିବା ବେଳେ ଅବକାରୀ ବିଭାଗକୁ ଅସ୍ୱକରି ଗୋଡ଼ିପଡ଼ା ବଜାର ଡାକ୍ତରଖାନାଠାରୁ ମାତ୍ର ୫୦ ମିଟର ଦୂରରେ ମଦ ଦୋକାନ ରହିବା ଦ୍ୱାରା ସ୍ଥାନୀୟ ଜନସାଧାରଣ ଶାନ୍ତିରେ ଜୀବନଯାପନ କରିପାରୁନାହାନ୍ତି। ଠିପି ବନ୍ଦ ବିଦେଶୀ ମଦ ଦୋକାନ ଠିପିଖୋଲାରେ ପରିଣତ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନିକଟରେ ମାଳମାଳ ଚାଖଣା ଦୋକାନ ରହିଥିବାରୁ ନିଶାଡ଼ିମାନେ ମଦ ଦୋକାନ ପାଖରେ ମଦ୍ୟପାନ କରୁଥିବା ଅଭିଯୋଗ ହୋଇଛି। ଏପରିକି ମଦ ଦୋକାନ ପକ୍ଷରୁ ଏହାକୁ ବାରଣ ମଧ କରାଯାଉନାହିଁ। ସ୍ଥାନୀୟ ପୁଲିସ ସବୁଜାଣି ନିରବଦ୍ରଷ୍ଟା ସାଜିଛି। ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯା'ଆସ ସମୟରେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ସୋମବାର ଗୋଡ଼ିପଡ଼ା ଗ୍ରାମବାସୀ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିକୁ ଆସି ତୁରନ୍ତ ଏଠାରୁ ମଦ ଦୋକାନ ହଟାଇବାକୁ ଦାବି କରିଛନ୍ତି। ଏ ନେଇ ଅବକାରୀ ଅଧିକ୍ଷକ ଜ୍ଞାନରଞ୍ଜନ ପଣ୍ଡାଙ୍କ ପ୍ରତିକ୍ରିୟା ନେବାରେ କହିଲେ, ଜଣେ ଇନ୍ସପେକ୍ଟରଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯିବ। ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

**● ଜିଲ୍ଲାପାଳଙ୍କୁ ଗୋଡ଼ିପଡ଼ାବାସୀଙ୍କ ଅଭିଯୋଗ**
**● ଗୋଡ଼ିପଡ଼ାରେ ଅସ୍ୱାଭାବିକ ପରିସ୍ଥିତି**
**● ମଦ ଦୋକାନ ସ୍ଥାନାନ୍ତର ଦାବି**

**● ଚୋରାମଦ କାରବାର ବୃଦ୍ଧି**

ନୟାଗଡ଼, ୬ ।୪(ସମିସ): ଓଡ଼ଗାଁ ବ୍ଲକ ଗୋଡ଼ିପଡ଼ା ଅଞ୍ଚଳରେ ଚୋରାମଦ କାରବାର ବୃଦ୍ଧି ଜନସାଧାରଣଙ୍କୁ ଅତିଷ୍ଠ କଲାଣି। ମୁଖ୍ୟତଃ ଦେଶୀ ମଦ ପାଉଚ୍ ଗାଁଗହଳିରେ ବହୁଳ ମାତ୍ରାରେ ବିକ୍ରି ହେଉଥିବା ବେଳେ ଅବକାରୀ ବିଭାଗ ଓ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ଏ ନେଇ ଅବକାରୀ ବିଭାଗକୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

